ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


**ପତ୍ର ସଂ–୭୦/୨୦୨୬ ସପ୍ତାହ-୩୦ ମଙ୍ଗଳବାର, ତାରିଖ-୨୮.୦୭.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୫୩୧.୦/୩୦ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୧୧୩.୦/୦୫ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୨୯.୯ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୪.୪ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କଳାହାଣ୍ଡି | ୨୯-୦୭-୨୦୨୬ | ୪୦ | ୨୭ | ୨୨ | ୮ | ୯୫ | ୮୩ | ୮ | ୨୪୫ |
| | ୩୦-୦୭-୨୦୨୬ | ୨୫ | ୨୮ | ୨୩ | ୮ | ୯୪ | ୮୩ | ୧୫ | ୨୪୩ |
| | ୩୧-୦୭-୨୦୨୬ | ୧୫ | ୩୦ | ୨୪ | ୭ | ୯୦ | ୭୪ | ୧୫ | ୨୦୦ |
| | ୦୧-୦୮-୨୦୨୬ | ୧୦ | ୩୦ | ୨୪ | ୭ | ୯୧ | ୬୬ | ୧୧ | ୧୯୮ |
| | ୦୨-୦୮-୨୦୨୬ | ୭ | ୩୦ | ୨୫ | ୮ | ୮୯ | ୬୩ | ୮ | ୨୧୮ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

### ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ବର୍ଷା (୦୭ ରୁ ୪୦ ମିମି/ଦିନ) ହେବାର ସମ୍ଭାବନା ରହିଛି । ଏହି ଦିନ ଗୁଡ଼ିକରେ ଆକାଶ ସାଧାରଣତଃ ମେଘୁଆ ରୁ ମେଘାଛନ୍ନ ରହିବା ସହିତ ଘଣ୍ଟା ପ୍ରତି ୦୮ ରୁ ୧୫ କିଲୋମିଟର ବେଗରେ ମୁଖ୍ୟତଃ ଦକ୍ଷିଣ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୨୭ ରୁ ୩୦° ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୨ ରୁ ୨୫° ସେଲସିୟସ୍ ପାଖାପାଖି ରହିବାର ସମ୍ଭାବନା ଅଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୯ ରୁ ୯୫% ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୩ ରୁ ୮୩% ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ସହିତ ଘଂଟାପ୍ରତି ୩୦ ରୁ ୪୦ ବେଗରେ ଝଟକା ପବନ ବହିବାର ସମ୍ଭାବନା (ଆସନ୍ତାକାଲି ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ) ।**

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ଆଗାମୀ ୫ ଦିନ ମଧ୍ୟରେ ହାଲୁକା ରୁ ମଧ୍ୟମ ବର୍ଷାର ସମ୍ଭାବନା ରହୁଥିବାରୁ ଚାଷୀମାନେ ସତର୍କ ରୁହନ୍ତୁ ଏବଂ ନିୟମିତ ଭାବେ ପାଣିପାଗ ସୂଚନା ଅନୁସରଣ କରନ୍ତୁ।
- ଗତ ସପ୍ତାହରେ ହୋଇଥିବା ଭଲ ବର୍ଷାର ଫାଇଦା ଉଠାଇ ତଳି ପ୍ରସ୍ତୁତ ଥିବା ଜମିଗୁଡ଼ିକରେ ଧାନ ରୋପଣ କାର୍ଯ୍ୟ ଶେଷ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି।
- ଆଗାମୀ ୫ ଦିନ ମଧ୍ୟରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ପନିପରିବା ନର୍ସରୀ/ତଳିଘରାକୁ ପଲିଥିନ୍ (Polythene sheet) ଦେଇ ସୁରକ୍ଷିତ ରଖନ୍ତୁ।
- ଖାଲୁଆ ଜମି ଏବଂ ଫଳ ବଗିଚାରେ ପାଣି ଜମିବା ଓ ଚେର ସଢ଼ା ରୋଗରୁ ରକ୍ଷା ପାଇବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।
- ମୃତ୍ତିକା ପରୀକ୍ଷା ର ସୁପାରିଶ ଅନୁସାରେ ବର୍ଷା ଛାଡ଼ିବା ପରେ କିସ୍ତି ଅନୁସାରେ (ଭାଗ ଭାଗ କରି) ସାର ପ୍ରୟୋଗ କରନ୍ତୁ।
- ମଧ୍ୟମ ଧରଣର ବର୍ଷା ର ସମ୍ଭାବନା କୁ ଦୃଷ୍ଟିରେ ରଖି ଜମିରୁ ମାତ୍ରାଧିକ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜଳସେଚନ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।
- ପରିବେଶରେ ଅତ୍ୟଧିକ ଆର୍ଦ୍ରତା (ଶୀତଳାଭାବ) ଯୋଗୁଁ ରୋଗର ପ୍ରାଦୁର୍ଭାବ ବଢ଼ିପାରେ, ତେଣୁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ ଏବଂ ପାଗ ଶୁଖିଲା ଥିବା ସମୟରେ ରୋଗ ପ୍ରତିରୋଧକ କୀଟନାଶକ ସ୍ପ୍ରେ କରନ୍ତୁ।
- ଗୋରୁଗାଇ ଓ କୁକୁଡ଼ାମାନଙ୍କ ପାଇଁ ବର୍ଷା ଋତୁରେ ସଠିକ୍ ଆଶ୍ରୟସ୍ଥଳୀ, ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଅନ୍ତୁ ଏବଂ ଦାନା/ଖାଦ୍ୟକୁ ଓଦା ହେବାରୁ ସୁରକ୍ଷା ପ୍ରଦାନ କରନ୍ତୁ।
- କାଳବୈଶାଖୀ/ଘଡ଼ଘଡ଼ି ସହ ପବନର ବେଗ ଘଣ୍ଟାପ୍ରତି ୩୦-୫୦ କିଲୋମିଟର ରହିବାର ସମ୍ଭାବନା ଥିବାରୁ ଚାଷୀମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରନ୍ତୁ। ଘଡ଼ଘଡ଼ି କିମ୍ବା ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛ ତଳେ ଏବଂ ଜଳାଶୟ ନିକଟରେ ରୁହନ୍ତୁ ନାହିଁ। ବଜ୍ରପାତ ସମ୍ବନ୍ଧୀୟ ସଠିକ୍ ଓ ସମୟୋପଯୋଗୀ ସୂଚନା ପାଇଁ 'ଦାମିନୀ' (DAMINI) ମୋବାଇଲ୍ ଆପ୍ ବ୍ୟବହାର କରନ୍ତୁ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ▪ ଗୋରୁଗାଇ ଓ କୁକୁଡ଼ାମାନଙ୍କ ପାଇଁ ବର୍ଷା ଋତୁରେ ସଠିକ୍ ଆଶ୍ରୟସ୍ଥଳୀ, ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଅନ୍ତୁ ଏବଂ ଦାନା/ଖାଦ୍ୟକୁ ଓଦା ହେବାରୁ ସୁରକ୍ଷା ପ୍ରଦାନ କରନ୍ତୁ। |

## ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|

| କ୍ଷେତ୍ର ଫସଲ | | |
|---|---|---|
| ଖରିଫ ଧାନ | ପିଲ ଅବସ୍ଥା/ ତଳି ଅବସ୍ଥା | **ବୁଣା ଧାନ :**<br>**ଘାସ ପରିଚାଳନା :** ଗଜା ପୂର୍ବରୁ ଘାସ ଦମନ ନିମନ୍ତେ ଧାନ ବୁଣିବାର ୨ ରୁ ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ମିଲିଗ୍ରାମ ପ୍ରିଟିଲାକ୍ଲୋର ୩୦.୭ % ଇସି କିମ୍ବା ୨୫୦ ମିଲିଗ୍ରାମ ଅକ୍ସିଫ୍ଲୁରଫେନ୍ ୨୩.୫ % ଇସି କିମ୍ବା ୪୫୦ ମିଲିଗ୍ରାମ ଅକ୍ସାଡିଆରଜିଲ ୬% ଇସି କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗଜା ପୂର୍ବବର୍ତ୍ତୀ ଘାସମରା ଔଷଧ ପ୍ରୟୋଗ କରିନଥିଲେ ଧାନ ବୁଣିବାର ୧୫ ରୁ ୨୦ ଦିନ ମଧ୍ୟରେ ଏକର ପ୍ରତି ୧୨୦ ମି.ଲି. ବିସ୍ପାଇରିବାକ୍ ସୋଡିୟମ ୧୦% ଏସ.ସି., ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>**ରୁଆ ଧାନ :**<br>**ଜମି ପ୍ରସ୍ତୁତି:** ୭ ରୁ ୧୦ ଦିନ ବ୍ୟବଧାନରେ ମୁଖ୍ୟ ଜମିକୁ ଦୁଇଥର କାଦୁଅ କରନ୍ତୁ ଏବଂ ସମାନ ଭାବରେ ଗଛର ବୃଦ୍ଧି ପାଇଁ ଜମିକୁ ସମତଳ କରନ୍ତୁ। ପ୍ରଥମ ଥର କାଦୁଅ ସମୟରେ ସବୁଜ ସାର ରୂପେ ଆଗରୁ ଧଇଁଞ୍ଚା ବୁଣିଥିଲେ ସେହି ଗଛକୁ ତାହାକୁ ମାଟିରେ ମିଶାଇ ଦିଅନ୍ତୁ। ଅନ୍ତିମ କାଦୁଅ ସମୟରେ ମୁଖ୍ୟ ଜମିରେ ଜମିରେ ଏକର ପ୍ରତି ୮ କୁଇଣ୍ଟାଲ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ।<br>**ତଳିଘରା ପରିଚାଳନା:** ଧାନ ତଳିଘରାରେ ନଳୀ ପୋକ, କାଣ୍ଡ ବିନ୍ଧା ପୋକ, ବଙ୍ଗୀ ପୋକ, ପତ୍ର ମୋଡ଼ା ପୋକ ଏବଂ ଚେର ଗଣ୍ଠି ସୂତ୍ର କୃମି ର ପ୍ରାଦୁର୍ଭାବକୁ ରୁଆ ପରଠାରୁ ୩ ସପ୍ତାହ ପର୍ଯନ୍ତ ନିୟନ୍ତ୍ରଣ କରିବା ପାଇଁ ୧୦ ଡେସିମିଲ୍ ତଳିଘରା ରେ ରୁଆ କାର୍ଯ୍ୟର ୭ ଦିନ ପୂର୍ବରୁ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୦.୪% ଜି @ ୪୦୦ ଗ୍ରାମ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪% ଜି.ଆର୍ @ ୮୦୦ ଗ୍ରାମ କିମ୍ବା ଫିପ୍ରୋନିଲ୍ ୦.୩% ଜି.ଆର୍ @ ୧ କିଲୋଗ୍ରାମ ପ୍ରୟୋଗ କରନ୍ତୁ। |
| କପା | ଚାରା ଅବସ୍ଥା | ▪ ଜମିରୁ ବଳକା ବର୍ଷାପାଣି ନିଷ୍କାସନ କରିବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।<br>▪ ଶୋଷକ ପୋକ (ଉକୁଣିଆ ପୋକ, ପତ୍ରଡିଆଁ ପୋକ ଏବଂ ଧଳାମାଛି) ର ପରିଚାଳନା ପାଇଁ ଆବଶ୍ୟକତା ଅନୁସାରେ ପାଗ ଶୁଖିଲା ଥିବା ସମୟରେ ନିମ୍ବ ଆଧାରିତ କୀଟନାଶକ (ଏକର ପ୍ରତି ୬୦୦-୮୦୦ ମି.ଲି. ନିମ୍ବ ତେଲ + ୨୦୦ ଗ୍ରାମ ସର୍ଫ/ଡିଟରଜେଣ୍ଟ ପାଉଡରକୁ ୨୦୦ ଲିଟର ପାଣିରେ ମିଶାଇ) ସ୍ପ୍ରେ କରନ୍ତୁ।<br>▪ ଶୋଷକ ପୋକଙ୍କ ସଂଖ୍ୟା ନିରୀକ୍ଷଣ ଓ ଦମନ ପାଇଁ ଏକର ପ୍ରତି ୮ ଟି ଲେଖାଏଁ ହଳଦିଆ ଅଠା ବୋଳା କାର୍ଡ (Yellow sticky traps) ଲଗାନ୍ତୁ।<br>**ଘାସ ପରିଚାଳନା :** ଗଜା ପୂର୍ବରୁ ଘାସ ଦମନ ନିମନ୍ତେ ବୁଣିବାର ୩ ଦିନ ମଧ୍ୟରେ ଏକର ପିଛା ଏକ ଲିଟର ପେଣ୍ଡିମିଥାଲିନ୍ ୩୦% ଇସି କୁ ୨୦୦ ଲିଟର ପାଣିରେ ମିଶାଇ ମାଟିରେ ପର୍ଯ୍ୟାପ୍ତ ବତର ଥିବା ସମୟରେ ସିଞ୍ଚନ କରନ୍ତୁ । |
| ହରଡ଼ | ଚାରା ଅବସ୍ଥା | ▪ ଜମିରୁ ବଳକା ବର୍ଷାପାଣି ନିଷ୍କାସନ କରିବା ପାଇଁ ନାଳି ପ୍ରସ୍ତୁତ କରନ୍ତୁ।<br>▪ ଫସଲରେ ପୋକର ପ୍ରାଦୁର୍ଭାବ ଜାଣିବା ପାଇଁ ନିୟମିତ ଭାବେ କ୍ଷେତ ନିରୀକ୍ଷଣ କରନ୍ତୁ। ଜଉପୋକ (ଆଫିଡ୍) ଏବଂ ଉକୁଣିଆ ପୋକ ଭଳି ଶୋଷକ ପୋକଙ୍କ ଦାଉରୁ ରକ୍ଷା ପାଇବା ପାଇଁ, ଆବଶ୍ୟକତା ଅନୁସାରେ ପାଗ ଶୁଖିଲା ଥିବା ସମୟରେ ନିମ୍ବ ଆଧାରିତ କୀଟନାଶକ (୧୫୦୦ ppm) ଲିଟର ପ୍ରତି ୩ ମି.ଲି. ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।<br>▪ **ଘାସ ପରିଚାଳନା :** ଏକର ପ୍ରତି ୩୦୦ ମି.ଲି. ଇମାଜେଥାପିର୍ ୧୦% ଏସ୍.ଏଲ୍ (Imazethapyr 10% SL) କୁ ୨୦୦ ଲିଟର ପାଣିରେ ମିଶାଇ ବିହନ ବୁଣିବାର ୨୦-୨୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। |
| ମକା | ଚାରା ଅବସ୍ଥା | ▪ ଜମିରୁ ବଳକା ବର୍ଷାପାଣି ନିଷ୍କାସନ କରିବା ପାଇଁ ନାଳି ପ୍ରସ୍ତୁତ କରନ୍ତୁ।<br>▪ ପୋକର ପ୍ରାଦୁର୍ଭାବକୁ ଆରମ୍ଭରୁ ଚିହ୍ନଟ କରିବା ପାଇଁ କ୍ରମାଗତ ଭାବେ କ୍ଷେତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି।<br>▪ ଶୋଷକ ପୋକ (ଜଉପୋକ ଏବଂ ଉକୁଣିଆ ପୋକ) ଓ ଫଲ୍ ଆର୍ମିୱାର୍ମ ର ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ, ଆବଶ୍ୟକତା ଅନୁସାରେ ପାଗ ଶୁଖିଲା ଥିବା ସମୟରେ ନିମ୍ବ ଆଧାରିତ କୀଟନାଶକ (୧୫୦୦ ppm) ଲିଟର ପ୍ରତି ୫ ମି.ଲି. ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।<br>**ଘାସ ପରିଚାଳନା :** ପାଗ ଶୁଖିଲା ଓ ନିର୍ମଳ ଥିବା ସମୟରେ ବିହନ ବୁଣିବାର ୨୦-୨୫ ଦିନ ମଧ୍ୟରେ ଏକର ପ୍ରତି ୧୧୫ ମି.ଲି. ଟେମ୍ବୋଟ୍ରିଓନ୍ ୩୪.୪% ଏସ୍.ସି (Tembotrione 34.4% SC) କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। |
| ଉଦ୍ୟାନ କୃଷି | | |
| ଲଙ୍କା | ଚାରା /ଅଙ୍ଗୀୟ ଅବସ୍ଥା | ▪ ୩୦ ରୁ ୪୫ ଦିନର ଚାରା ହେଇଯାଇଥିଲେ ତାହାକୁ ମୁଖ୍ୟ ଜମିରେ ପ୍ରତିରୋପଣ କରନ୍ତୁ ।<br>▪ ପ୍ରତିରୋପଣ କରି ସାରିଥିଲେ ଗଛ ସଂଖ୍ୟା ବଜାୟ ରଖିବା ପାଇଁ ଖାଲି ଥିବା ସ୍ଥାନକୁ ଚିହ୍ନଟ କରି ପୁନଃ ନୂଆ ଚାରା |

| | | |
|---|---|---|
| | | କୁ ପ୍ରତି ରୋପଣ କରନ୍ତୁ ।<br>▪ **ଉକୁଣିଆ ପୋକ:** ବର୍ତ୍ତମାନ୍ ର ତାପମାତ୍ରା ଉକୁଣିଆ ପୋକ ପାଇଁ ଅନୁକୂଳ ଅଟେ। ତେଣୁ ମୁଖ୍ୟ ଜମିରେ ପ୍ରତିରୋପଣ ର ୨୦ ରୁ ୨୫ ଦିନ ପୂର୍ବରୁ ଜମି ଚାରିପଟେ ମକା ଲଗାନ୍ତୁ। ଏକର ପିଛା ୧୨ ରୁ ୧୫ ଟି ନୀଳ ଅଠାଳିଆ କାର୍ଡ ଲଗାନ୍ତୁ। |
| **କଦଳୀ** | **ଅଙ୍ଗୀୟ/ଫଳ ଅବସ୍ଥା** | ▪ ସମ୍ପ୍ରତି ପାଗରେ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ କଦଳୀ ଗଛରେ ସିଗାଟୋକା ପତ୍ର ଦାଗ ଦେଖା ଦେବାର ସମ୍ଭାବନା ରହିଛି। ଲକ୍ଷଣ ଦେଖାଦେଲେ ସିଗାଟୋକା ରୋଗ ଦ୍ଵାରା ଆକ୍ରାନ୍ତ ପତ୍ର ଏବଂ ଶୁଖି ଯାଇଥିବା ପତ୍ର କୁ ଅଲଗା କରି ନଷ୍ଟ କରିଦିଅନ୍ତୁ। କଦଳୀ ବାଡ଼ି ରେ ଘାସ ନିୟନ୍ତ୍ରଣ କରନ୍ତୁ ଯାହାଦ୍ୱାରା ବାୟୁମଣ୍ଡଳରେ ଆର୍ଦ୍ରତା ଅପେକ୍ଷାକୃତ କମ୍ ରହିବ । ରୋଗ ନିୟନ୍ତ୍ରଣ ପାଇଁ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ ର ମିଶ୍ରିତ ଫିମ୍ପିନାଶକ କୁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ ଅଥବା ପ୍ରୋପିକୋନାଯୋଲ ୨୫% ଇସି ୧ ମିଲିଗ୍ରାମ୍ ହିସାବରେ ଏବଂ ପ୍ରତି ଲିଟର ପିଚା ୦.୫ ମିଲି ଆଡ଼ଜୁଭାଣ୍ଟ ମିଶ୍ରଣ କରି ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| **ମାଛ ଚାଷ** | | ▪ ନୂଆଁ ଯାଆଁଳ ଛାଡ଼ିବା ପୂର୍ବରୁ ପ୍ରଥମେ ପୋଖରୀରେ ଥିବା ଅଦରକାରୀ ଏବଂ ଶିକାରୀ ମାଛକୁ ସମ୍ପୂର୍ଣ୍ଣ ରୂପେ ବାହାର କରିଦେବା ଆବଶ୍ୟକ। ଶିକାରୀ ଏବଂ ଅଦରକାରୀ ମାଛ ମାରିବା ପାଇଁ ଏକ ଏକର ପାଇଁ ୧ ହଜାର କିଲୋଗ୍ରାମ ସଜ ମହୁଲ ପିଡ଼ିଆ କିମ୍ବା ୧୦୦ କି.ଗ୍ରା ବ୍ଲିଚିଂ ପାଉଡର ସହିତ ୩୦ କି.ଗ୍ରା ୟୁରିଆ ସାର ପ୍ରୟୋଗ କଲେ ସବୁ ମାଛ ମରିଯାଆନ୍ତି। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ପଶୁମାନଙ୍କୁ ପରିଷ୍କାର, ଶୁଖିଲା ଏବଂ ଭଲ ବାୟୁ ଚଳାଚଳ ଥିବା ଗୁହାଳରେ ରଖନ୍ତୁ। ଖୁରା ରୋଗ (FMD), ସାହଣ (HS) ଏବଂ ବଜବଜିଆ (BQ) ବିରୋଧରେ ନିୟମିତ ଟିକାକରଣ କରାନ୍ତୁ। |
| **ଛେଳି ଓ ମେଣ୍ଢା** | | ମେଣ୍ଢା ଓ ଛେଳିମାନଙ୍କୁ ଉଚ୍ଚ ଏବଂ ଶୁଖିଲା ସ୍ଥାନରେ ରଖନ୍ତୁ। ଅତ୍ୟଧିକ ବର୍ଷା ସମୟରେ କିମ୍ବା ପାଣି ଜମିଥିବା ଅଞ୍ଚଳରେ ଚରାନ୍ତୁ ନାହିଁ। |
| **କୁକୁଡ଼ା** | | କୁକୁଡ଼ା ଘରକୁ ଶୁଖିଲା ଏବଂ ପର୍ଯ୍ୟାପ୍ତ ବାୟୁ ଚଳାଚଳ ଥିବା ଅବସ୍ଥାରେ ରଖନ୍ତୁ। ରୋଗ ବ୍ୟାପିବାକୁ ରୋକିବା ପାଇଁ ଭିଜା ଲିଟରକୁ ତୁରନ୍ତ ବଦଳାନ୍ତୁ। ପରିଷ୍କାର ପିଇବା ପାଣି ଯୋଗାନ୍ତୁ ଏବଂ ପାଣି ପାତ୍ର (ଡ୍ରିଙ୍କର) ଓ ଖାଦ୍ୟ ପାତ୍ର (ଫିଡର)କୁ ନିୟମିତ ଜୀବାଣୁମୁକ୍ତ କରନ୍ତୁ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android:** https://play.google.com/store/apps/details?id=com.aas.meghdoot**), (iOS:** https://apps.apple.com/in/app/meghdoot/id1474048155**)**